## ସଂକ୍ଷେପରେ

### ରଞ୍ଜିତାଙ୍କୁ ଦୁଇଟି ସ୍ୱର୍ଣ୍ଣ



**ବ୍ରହ୍ମପୁର ଅଫିସ୍,୩।୩:** ବେଙ୍ଗାଲୁରୁରେ ଗତ ଦୁଇ ଦିନ ହେଲା ଚାଲିଥିବା ର' ଡେଡଲିଫ୍ଟ ଓ ବେଞ୍ଚପ୍ରେସ ଚାମ୍ପିୟନଶିପ ୨୦୧୯ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଭାଗନେଇ ବ୍ରହ୍ମପୁରର ରଞ୍ଜିତା ମିଶ୍ର ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ରଞ୍ଜିତା ୭୦ କିଲୋ ଓଜନ ବର୍ଗରେ ଭାଗ ନେଇଥିଲେ । ଓପନ୍ କାଟାଗୋରିରେ ଭାଗ ନେଇ ରଞ୍ଜିତା ବେଞ୍ଚପ୍ରେସରେ ୬୫ କିଲୋ ଓ ଡେଡଲିଫ୍ଟରେ ୧୪୫ କିଲୋ ଉଠାଇ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରଞ୍ଜିତା ବର୍ତ୍ତମାନ ମୁମ୍ବାଇରେ ନିଜ ପରିବାର ସହ ରହୁଛନ୍ତି। ହେଲେ ସେ ବ୍ରହ୍ମପୁର ଗାନ୍ଧୀନଗରର ମୂଳ ବାସିନ୍ଦା।

### ଏମ୍‌କେସିଜି ଛକ ପାଇପ୍ ଟ୍ୟାପ୍ ଫାଉଣ୍ଟେନରେ ଭିଡ଼

**ବ୍ରହ୍ମପୁର ଅଫିସ,୩।୩:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସି ବ୍ରହ୍ମପୁର ମହାନଗର ନିଗମର ବହୁ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେଥିମଧ୍ୟରେ ସହରର ସୌନ୍ଦର୍ଯ୍ୟକରଣ ପାଇଁ ନିର୍ମିତ ତିନୋଟି ଫାଉଣ୍ଟେନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ସେଥିମଧ୍ୟରେ ସହରବାସୀଙ୍କୁ ଅଧିକ ଆକର୍ଷିତ କରିଛି ଏମ୍‌କେସିଜି ମେଡିକାଲ ଛକରେ ୧୨.୮୭ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ପାଇପ ଟ୍ୟାପ ଆକୃତିର ଫାଉଣ୍ଟେନ । ଏହାକୁ ଦେଖିବାକୁ ରବିବାର ସାରାଦିନ ଏମ୍‌କେସିଜି ମେଡିକାଲ ଛକରେ ସହରବାସୀଙ୍କ ଭିଡ ଜମିଥିଲା । ସେହି ରାସ୍ତା ଦେଇ ଅତିକ୍ରମ କରୁଥିବା ଲୋକେ କିଛି ସମୟ ପାଇଁ ଅଟକି ରହି ସେଲଫି ନେଇଥିଲେ । ଫଳରେ ସବ୍‌ରେଜିଷ୍ଟ୍ରାର ଅଫିସ ନିକଟରେ ପୂର୍ବରୁ ଲୋକାର୍ପିତ ହୋଇଥିବା ଆଇ ଲଭ ବ୍ରହ୍ମପୁର ଫାଉଣ୍ଟେନ ପରେ ଏହା ସହରର ଦ୍ୱିତୀୟ ସେଲଫି କର୍ନର ଭାବେ ପରିଣତ ହୋଇଛି ।

### ବିଏମ୍‌ସି କର୍ମଚାରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୩।୩:** ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅବସର ନେଇଥିବା କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଯୋଗଦେଇ ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ମହାନଗର ନିଗମ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପୂର୍ଣ୍ଣଚନ୍ଦ୍ରଙ୍କ କାର୍ଯ୍ୟଦକ୍ଷତା, କର୍ତ୍ତବ୍ୟନିଷ୍ଠା ଓ ନିଗମ ପାଇଁ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ନିର୍ବାହୀ ଯନ୍ତ୍ରୀ ବସନ୍ତ ପାଢ଼ୀ, ଉପନିର୍ବାହୀଯନ୍ତ୍ରୀ ସୀମାଞ୍ଚଳ ଷଡ଼ଙ୍ଗୀ, ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣକାନ୍ତ, ମହାନଗର ନିଗମ କର୍ମଚାରୀ ସଂଘ ସଭାପତି ଚିତ୍ତରଞ୍ଜନ ପାଣିଗ୍ରାହୀ, ଭଗବାନ ଚୌଧୁରୀ, ପ୍ରଫୁଲ୍ଲ ଚନ୍ଦ୍ର ଜେନାଙ୍କ ସମେତ ନିଗମର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଶୁଭାରମ୍ଭ ହେଲା ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର ଟ୍ରେନ

# ବ୍ରହ୍ମପୁର-କଟକ ମେମୋ ଇଚ୍ଛାପୁରକୁ ସମ୍ପ୍ରସାରିତ

**ବ୍ରହ୍ମପୁର ଅଫିସ,୩।୩**

ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର ଟ୍ରେନ ଚଳାଚଳ ନେଇ ବ୍ରହ୍ମପୁରବାସୀଙ୍କ ଦୀର୍ଘଦିନରୁ ହୋଇ ଆସୁଥିବା ଦାବି ପୂରଣ ହୋଇଛି । ରବିବାରରୁ ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର ଟ୍ରେନର ଶୁଭାରମ୍ଭ ହୋଇଛି । ଟ୍ରେନ ନଂ.୫୮୫୨୫ ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର ଟ୍ରେନ ରବିବାର ସକାଳ ୭ଟାରେ ଯାତ୍ରୀଙ୍କୁ ନେଇ ବିଶାଖାପାଟଣା ଅଭିମୁଖେ ଯାତ୍ରା କରିଛି । ସେହିପରି ଅନୁରୂପ ଭାବେ ଟ୍ରେନ ନଂ. ୫୮୫୨୬ ବିଶାଖାପାଟଣା-ବ୍ରହ୍ମପୁର ପାସେଞ୍ଜର ପୂର୍ବାହ୍ନ ୧୧ଟା ୪୦ ରେ ବିଶାଖାପାଟଣାରୁ ତାର ଯାତ୍ରା ଆରମ୍ଭ କରିଥିବା ସୂଚନା ମିଳିଛି । ପୂର୍ବରୁ ଏହି ଟ୍ରେନ ପଲାସାରୁ ବିଶାଖାପାଟଣାକୁ ଯାତାୟାତ କରୁଥିଲା । କିନ୍ତୁ ବ୍ରହ୍ମପୁରବାସୀଙ୍କ ଦାବି ପରେ ଏହି ଟ୍ରେନକୁ ବ୍ରହ୍ମପୁରକୁ ସମ୍ପ୍ରସାରିତ କରାଯାଇଥିବା ଷ୍ଟେଶନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମା ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ବ୍ରହ୍ମପୁର-କଟକ ପାସେଞ୍ଜର ମେମୋ ଟ୍ରେନ ମଧ୍ୟ ରବିବାରଠାରୁ ଇଚ୍ଛାପୁରକୁ ସମ୍ପ୍ରସାରିତ କରାଯାଇଥିବା ସେ ସୂଚନା ଦେଇଛନ୍ତି । ସକାଳେ ଏହି ମେମୋ ଟ୍ରେନ ଇଚ୍ଛାପୁରରୁ କଟକ ଅଭିମୂଖେ ଯାତ୍ରା ଆରମ୍ଭ କରିଥିବା ଷ୍ଟେଶନ ମ୍ୟାନେଜର ସୂଚାଇଛନ୍ତି । ପୂର୍ବରୁ ଏହା ବ୍ରହ୍ମପୁର ଷ୍ଟେଶନରେ ୩୦ ମିନିଟ ଅଟକି ରହୁଥିବା ବେଳେ ଏବେ ଏହା ୧୫ ମିନିଟ ବ୍ରହ୍ମପୁର ଷ୍ଟେଶନରେ ରହିବ ବୋଲି ସୂଚନା ମିଳିଛି । ବ୍ରହ୍ମପୁର ୪ନଂ. ପ୍ଲାଟଫର୍ମରେ ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର ଟ୍ରେନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଷ୍ଟେଶନ ମ୍ୟାନେଜରଙ୍କ ସମେତ ଷ୍ଟେଶନ ଚିଫ କମର୍ସିଆଲ ଇନ୍ସପେକ୍ଟର ମହୋନ ଚନ୍ଦ୍ର ବେହେରା, ଜିଆରପି ଥାନା ଇନ୍‌ଚାର୍ଜ ଏସ୍.କେ. ଭୋଇ, ଆରପିଏଫ ଇନ୍‌ଚାର୍ଜ କରୁଣାକର ସାହୁ, ଚିଫ ଟିକେଟ ଇନ୍ସପେକ୍ଟର ବସନ୍ତ କୁମାର ଶତପଥୀ ଓ ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ବିଚାର ମଞ୍ଚ ଓ ସଂସ୍କାରବାଦୀ ସଂଗଠନ ପ୍ରତିଷ୍ଠାତା ତ୍ରିନାଥ ମହାରଣା, ଉପସଭାପତି କିଶୋର ଚନ୍ଦ୍ର ବ୍ରହ୍ମା, ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ସାହୁ, ରାମେଶ୍ୱର ଶତପଥୀ, ପ୍ରତାପ ଚନ୍ଦ୍ର ପଣ୍ଡା ଓ କାଶୀନାଥ ମହାରଣାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ବ୍ରହ୍ମପୁର ରେଳ ଷ୍ଟେଶନ ମ୍ୟାନେଜର, ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ।

## ସେଲ୍‌ଫି କର୍ନର


କୈଳାସ


ସ୍ମିତା

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)


ବ୍ରହ୍ମପୁର ବୃହତ୍ତ ଜଳଯୋଗାଣ ପ୍ରକଳ୍ପ(ପ୍ରଥମ ପର୍ଯ୍ୟାୟ)କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି ।


ସମାବେଶରେ ଉପସ୍ଥିତ ମହିଳା ଓ ପୁରୁଷ ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ: ୩୧ କର୍ମୀ ଅଟକ


ବିକ୍ଷୋଭରତ ଭାଜପା କର୍ମୀଙ୍କୁ ଉଠାଇ ନେଉଛି ପୋଲିସ ।

**ବ୍ରହ୍ମପୁର ଅଫିସ୍,୩।୩**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୁଇ ବିରୋଧୀ ଦଳ କଂଗ୍ରେସ ଏବଂ ଭାଜପା ତରଫରୁ ତୀବ୍ର ବିରୋଧ କରାଯାଇଥିଲା । ଫଳରେ ପୋଲିସ ତରଫରୁ ୨୫ ଭାଜପା କର୍ମୀ ଏବଂ ୬ କଂଗ୍ରେସ କର୍ମୀଙ୍କୁ ଥାନାରେ ଅଟକ ରଖାଯାଇଥିଲା । ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ଛାଡ଼ିବା ପରେ ଅଟକଙ୍କୁ ଥାନାରୁ ଛଡ଼ାଯାଇଥିଲା ।

# ମା' ବୁଢ଼ୀ ଠାକୁରାଣୀ ଟ୍ରଫି କ୍ରିକେଟ: ଆଜି ଆଲ୍‌ଫା-ରାମେଶ୍ୱର ଫାଇନାଲ୍

**ବ୍ରହ୍ମପୁର ଅଫିସ୍,୩।୩**

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଚାଲିଥିବା ସନ୍ନ୍ୟାସୀ ସାହୁ ସ୍ମାରକୀ ମା' ବୁଢ଼ୀ ଠାକୁରାଣୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଦ୍ୱିତୀୟ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଛି ରାମେଶ୍ୱର ସ୍ପୋର୍ଟିଂ କ୍ଲବ । ରବିବାର ଦ୍ୱିତୀୟ ସେମିଫାଇନାଲରେ ମହମ୍ମଦ କ୍ରିକେଟ କ୍ଲବକୁ ପରାସ୍ତ କରିଛି ରାମେଶ୍ୱର । ପ୍ରଥମ ମ୍ୟାଚ୍‌ରେ ରାମେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୨ଓଭର୍‌ରେ ୩ ଉଇକେଟ୍ ହରାଇ ୧୭୫ରନ୍ କରିଥିଲା । ମୁଜାକିର୍ ଅଲି ଖାନ୍ ୬୧ ଏବଂ ଅମିନ୍ ଇକ୍‌ବାଲ୍ ୪୫ରନ୍ କରିଥିଲେ । ଜବାବରେ ମହମ୍ମଦ ୧୨ଓଭର୍‌ରେ ୭ ଉଇକେଟ୍ ହରାଇ ମାତ୍ର ୬୯ରନ୍ କରି ପରାସ୍ତ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ମହମ୍ମଦ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୮ଓଭର୍‌ରେ ୫ ଉଇକେଟ୍ ହରାଇ ୪୯ରନ୍ କରିଥିଲା । ଜବାବରେ ରାମେଶ୍ୱର ୪ଓଭର୍ ୨ ବଲ୍‌ରେ ୫୧ରନ୍ କରି ବିଜୟୀ ହୋଇଥିଲା । ଦୁଇଟି ମ୍ୟାଚ୍ ଜିତିଥିବା ଯୋଗୁ ରାମେଶ୍ୱରଙ୍କୁ ବିଜେତା ଘୋଷଣା କରାଯାଇଥିଲା । ମୁଜାକିର୍ ଅଲି ଖାନ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ରେ ପୁରସ୍କୃତ କରାଯାଇଥିଲା । ସୋମବାର ଆଲ୍‌ଫା ସ୍ପୋର୍ଟିଂ କ୍ଲବ ଏବଂ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।


ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଏବଂ ମହମ୍ମଦ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯାଉଛି ।

## ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର

# +୩ ବିଭାଗର ନିଷ୍କ୍ରମଣ ଉତ୍ସବ

**ବ୍ରହ୍ମପୁର ଅଫିସ,୩।୩**

ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର ପରିସରରେ +୩ ବିଭାଗର ଛାତ୍ରୀଛାତ୍ରମାନଙ୍କୁ ନେଇ 'ନିଷ୍କ୍ରମଣ ଉତ୍ସବ' ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଡ. ବାବୁଜୀ ସାମଲ, ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଡ. ସରୋଜ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । +୩ ବିଭାଗ ଅଧ୍ୟକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ଓ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍.ମୋହନ ରାଓ କାର୍ଯ୍ୟକ୍ରମର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପରିଚାଳନା ସମିତି ସମ୍ପାଦକ ନାରାୟଣ ପଣ୍ଡା ସୁନାଗରିକ ରୂପେ ନିଜକୁ ଗଢ଼ି ତୋଳିବା ପାଇଁ ଶପଥପାଠ କରାଇଥିଲେ । ଏହି ଅବସରରେ ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପ ସଭାପତି ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢ଼ୀ, ହରିକୃଷ୍ଣ ପାଢ଼ୀ ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । +୩ ବିଭାଗର ଡିନ୍ ପ୍ରଫେସର ଡ. ବିବେକାନନ୍ଦ ପଣ୍ଡା ଧନ୍ୟବାଦ ଦେଇଥିଲେ । ଏଥିରେ +୩ ଶ୍ରେଣୀର ମୋଟ ୧୮୦ଜଣ ଶେଷ ସେମିଷ୍ଟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।


ଉପସ୍ଥିତ ଛାତ୍ରୀଛାତ୍ର ।

## ସାଧାରଣ ବର୍ଗଙ୍କ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ

# ୫ରେ 'ଭାରତ ବନ୍ଦ' ଡାକରା

**ବ୍ରହ୍ମପୁର ଅଫିସ,୩।୩**

ସାଧାରଣ ବର୍ଗର ଆର୍ଥିକ ଅନଗ୍ରସରଙ୍କୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ କେନ୍ଦ୍ର ସରକାର ପ୍ରଦାନ କରିଥିବା ୧୦ ପ୍ରତିଶତ ସଂରକ୍ଷଣକୁ ବିରୋଧ କରିଛି ସମ୍ବିଧାନ ବଞ୍ଚାଓ ସଂଘର୍ଷ ସମିତି । ଦେଶରେ ଅନୁସୂଚିତ ଜାତି, ଜନଜାତି ଓ ଓବିସି ବର୍ଗର ଆର୍ଥିକ ଅନଗ୍ରସରଙ୍କ ସଂଖ୍ୟା ୫୨ ପ୍ରତିଶତରୁ ଅଧିକ; ଯାହା ସାଧାରଣ ବର୍ଗର ଆର୍ଥିକ ଅନଗ୍ରସରଙ୍କ ସଂଖ୍ୟାଠାରୁ ଯଥେଷ୍ଟ ଅଧିକ। ଏହାସତ୍ତ୍ୱେ ସରକାର ଜାତି, ଜନଜାତି, ଓବିସି ବର୍ଗର ଆର୍ଥିକ ଅନଗ୍ରସରଙ୍କ ପ୍ରତି ଅଣଦେଖା କରୁଥିବା ସମିତି ଅଭିଯୋଗ କରିଛି। ଏହାର ପ୍ରତିବାଦ କରି ଆସନ୍ତା ମାର୍ଚ୍ଚ ୫ରେ ସମ୍ବିଧାନ ବଞ୍ଚାଓ ସଂଘର୍ଷ ସମିତି ଓ ଗଞ୍ଜାମ ଜିଲା ପଛୁଆବର୍ଗ ବିକାଶ ମଞ୍ଚ ପକ୍ଷରୁ ମିଳିତଭାବେ ଭାରତ ବନ୍ଦ ଡାକରା ଦିଆଯାଇଛି । ରବିବାର ଅପରାହ୍ଣରେ ଗଞ୍ଜାମ କଳା ପରିଷଦରେ ଗଞ୍ଜାମ ଜିଲା ପଛୁଆ ବର୍ଗ ବିକାଶ ମଞ୍ଚ ସଭାପତି ପ୍ରଭାକର ସାହୁ ଏହି ସୂଚନା ଦେଇଛନ୍ତି । ଅନୁସୂଚିତ ଜାତି, ଜନଜାତି ବର୍ଗର ଆର୍ଥିକ ଅନଗ୍ରସରଙ୍କ ପାଇଁ କେବଳ ସରକାରୀ କ୍ଷେତ୍ରରେ ସଂରକ୍ଷଣ ରହିଛି । କିନ୍ତୁ ଓବିସି ବର୍ଗ କ୍ଷେତ୍ରରେ କେବଳ ଆର୍ଥିକ ମାନଦଣ୍ଡ ବାର୍ଷିକ ୮ ଲକ୍ଷରୁ କମ ଥିବା ଲୋକଙ୍କ ପାଇଁ ସରକାରୀ କ୍ଷେତ୍ରରେ ସଂରକ୍ଷଣ ରହିଛି । ସଂଖ୍ୟାନୁପାତ ଦୃଷ୍ଟିରେ ଦେଶରେ ଅନୁସୂଚିତ ଜାତି ଜନଜାତି, ଓବିସି ବର୍ଗଙ୍କ ସଂଖ୍ୟା ଅଧିକ ଥିବା ସତ୍ତ୍ୱେ କେବଳ ସାଧାରଣ ବର୍ଗଙ୍କ କ୍ଷେତ୍ରରେ ସରକାର ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି । ବାରମ୍ବାର ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯିବା ସହ ଏହାର ପ୍ରତିବାଦରେ ଫେବୃୟାରୀ ୩ରେ ତହସିଲସ୍ତରରେ ଏବଂ ଫେବୃୟାରୀ ୧୭ରେ ବ୍ଲକସ୍ତରରେ ଧାରଣା ସହ ବିକ୍ଷୋଭ କରାଯାଇଥିଲା । କିନ୍ତୁ ଏ ଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଅନୁସୂଚିତ ଭାରତ ବନ୍ଦ ଡାକରା ଦିଆଯାଇଥିବା ସଭାପତି ସୂଚାଇଛନ୍ତି । ଅନୁସୂଚିତ ଜାତି, ଜନଜାତି, ଓବିସିଙ୍କୁ ଶିକ୍ଷାନୁଷ୍ଠାନ, ନିଯୁକ୍ତି, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ ସହ ଉଭୟ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସଂରକ୍ଷଣ ଲାଗୁ କରିବା, ଓବିସି ବର୍ଗଙ୍କ କ୍ଷେତ୍ରରେ ଲାଗୁ କରାଯାଇଥିବା ଆର୍ଥିକ ମାନଦଣ୍ଡ ସୀମାକୁ ଉଚ୍ଛେଦ କରିବା, ଜାତି ଭିତ୍ତିକ ଜନଗଣନା କରିବା ପ୍ରଭୃତି ଦାବି ପୂରଣ ନେଇ ଏହି ଭାରତ ବନ୍ଦ ଡାକରା ଦିଆଯାଇଥିବା ଖବରଦାତା ସମ୍ମିଳନୀରେ କୁହାଯାଇଛି । ଏହି ଆନ୍ଦୋଳନକୁ ଜିଲାରେ ବିଭିନ୍ନ ଅନୁଷ୍ଠାନ, ଘରୋଇ ବସ ମାଲିକ ସଂଘ, ମିନିବସ ଟ୍ରେକର ସଂଘ, ଅଟୋ ଚାଳକ ସଂଘ, ବଣିକ ସଂଘ ପ୍ରମୁଖ ସାମିଲ ହେବାକୁ ସମ୍ମତି ଦେଇଥିବା ସଭାପତି ସାହୁ ସୂଚନା ଦେଇଥିଲେ । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବିଧାନ ସଂଘର୍ଷ ସମିତି ରାଜ୍ୟ ସହ ସଂଯୋଜକ ଅତୁଳ ଟାରମୁନ ଓ ଦେବେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ।

## ସଂକ୍ଷେପରେ

### ୩ ବଖରା ଜଳିଗଲା



**ଖଜୁରିପଡା,୩ା୩:** ଖଜୁରିପଡା ଥାନା ବଲସକୁମ୍ପା ଗ୍ରାମ ପଞ୍ଚାୟତର କ୍ଷେତାପାଜୁ ଗାଁରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ସରୋଜ ସେଠୀଙ୍କ ୩ ବଖରା ଘର ଜଳି ଯାଇଛି। ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ସରୋଜ କହିଛନ୍ତି। ଏଥିରେ ଘରର ସମସ୍ତ ଆସବାବପତ୍ର ସହ ଧାନଚାଉଳ ପୋଡି ପାଉଁଶ ହୋଇଯାଇଛି। ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବଲସକୁମ୍ପା ଆର୍‌ଆଇ ଆସି କ୍ଷୟକ୍ଷତିର ଆକଳନ କରିଛନ୍ତି। ବିପନ୍ନଙ୍କୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

### ଶହୀଦଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି




**ଶଙ୍କରାଖୋଲ,୩ା୩(ଡି.ଏନ୍.ଏ.):** ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଟିକାବାଲି ହାଟପଦା ପଡ଼ିଆରେ ରବିବାର ଶ୍ରଦ୍ଧାଞ୍ଜଳି ସଭା କରାଯାଇଛି। ଜନବାଦୀ ଗୌଡ଼ଙ୍କ ନେତୃତ୍ୱରେ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସଂଘ, ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ, ଅଖିଳ ଭାରତ କୃଷକ ସଂଘ ଶାଖା ଚକାପାଦ ଓ ଟିକାବାଲି ବ୍ଲକର ସମସ୍ତ କର୍ମକର୍ତ୍ତା ସଭ୍ୟ ଯୋଗଦେଇ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ବୁଦ୍ଧିଜୀବୀ ଭାସ୍କର ପ୍ରଧାନ, ପୂର୍ବତନ କୁଇ ସମାଜ ସଭାପତି ପୁଷାରା କହଁର, ଚକାପାଦ ପାଚିକା ସଂଘର ସଭାପତି ସବିତା ନାଗ, ଟିକାବାଲି ବ୍ଲକ ପାଚିକା ସଂଘ ସଭାପତି ଗୀତାଞ୍ଜଳି ପ୍ରଧାନ, କୃଷକ ସଂଘର ବଡ୍ରେ ପ୍ରଧାନ, ବନୀତା ମଲ୍ଲିକ, ପୁଷ୍ପାଞ୍ଜଳି ଦିଗାଳ, ରମା କହଁର ପ୍ରମୁଖ ଉପସ୍ଥିତ ଥିଲେ ।

### ଭାଜପାର ବିଜୟ ସଙ୍କଳ୍ପ ବାଇକ ରାଲି

**ହିଞ୍ଜିଳିକାଟୁ,୩ା୩(ଡି.ଏନ୍.ଏ.):** ହିଞ୍ଜିଳିକାଟୁରେ ଭାଜପା ପକ୍ଷରୁ ଶନିବାର ବିଜୟ ସଙ୍କଳ୍ପ ବାଇକ୍ ରାଲି କରାଯାଇଥିଲା। କେନ୍ଦ୍ରରେ ପୁଣି ମୋଦି ସରକାର ଓ ରାଜ୍ୟରେ ଭାଜପା ସରକାର ପ୍ରତିଷ୍ଠା ହେଲେ ବିକାଶ ହୋଇପାରିବ ବୋଲି ଭାଜପା ନେତ୍ରୀନେତା ପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ଭାଜପାର ବହୁ କର୍ମୀ ନିକଟସ୍ଥ ଶ୍ୟାମଳାଇ ମନ୍ଦିରରୁ ବାଇକ୍ ରାଲିରେ ହିଞ୍ଜିଳିକାଟୁ ମ୍ୟୁନିସିପାଲଟିର ବିଭିନ୍ନ ୱାର୍ଡ ବୁଲିଥିଲେ। ଏଥିରେ ଭାଜପା ନେତା ଦେବାନନ୍ଦ ମହାପାତ୍ର, ମହିଳା ନେତ୍ରୀ ପିଙ୍କି ପ୍ରଧାନ, ଶିଶିର ମିଶ୍ର, ଅନୀଲ ମହାପାତ୍ର ପ୍ରମୁଖ ଶତାଧିକ କର୍ମୀ ଓ କାର୍ଯ୍ୟକର୍ତ୍ତା ଭାଗ ନେଇଥିଲେ।

### କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ଆଇଆର୍‌ଇ, ସାନଆର୍ଯ୍ୟପଲ୍ଲୀ ବିଜୟୀ

**ଛତ୍ରପୁର,୩ା୩(ଡି.ଏନ.ଏ.):** ପୁରୁଣା ଛତ୍ରପୁର ଗ୍ରାମରେ ରବିବାରଠାରୁ ବାବା ସ୍ୱପ୍ନେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଭାଗୀରଥି ବେହେରା, ଟି. କାମରାଜୁ, ଗଣେଶ ବେହେରା, ଉଷାରାଣୀ ବେହେରା, ଟି. କ୍ରିଷ୍ଣାରେଡ୍ଡୀ, କେ. ସାଜନ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଥମ ଦିନ ୨ଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚରେ ଛତ୍ରପୁରର ସୁବ୍ରତ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୦୩ ରନ କରିଥିଲା। ଆଇଆରଇ ଟିମ୍ ନିର୍ଦ୍ଧାରିତ ଓଭରରେ ୧୦୪ ରନ୍ କରି ବିଜୟୀ ହୋଇଛି। ସେହିପରି ୨ୟ ମ୍ୟାଚରେ ଛତ୍ରପୁରର ଜୟସୀତାରାମ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮୦ ରନ କରିଥିଲା। ସାନ ଆର୍ଯ୍ୟପଲ୍ଲୀ ଟିମ୍ ୬ ଓଭରରେ ୮୧ ରନ କରି ବିଜୟୀ ହୋଇଛି। କମଳ କୁମାର ବେହେରା, ଏନ୍.ଦିଲ୍ଲୁସୁ ରେଡ୍ଡୀ, କିରଣ କୁମାର ସେଠୀ, ଜି.ବାସୁଦେବ ରାଓ ଖେଳ ପରିଚାଳନା କରିଥିଲେ। ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ୧୨ ଟିମ୍ ଅଂଶ ଗ୍ରହଣ କରିବେ।



---

■ ସାଧାରଣ ନିର୍ବାଚନ ପୂର୍ବରୁ ପୋଲିସର ପଦକ୍ଷେପ

# ହେପାଜତକୁ ନେଉଛି ଲାଇସେନ୍ସ ବନ୍ଧୁକ

**ଦାରିଙ୍ଗବାଡି,୩ା୩(ଡି.ଏନ.ଏ)**

ଦାରିଙ୍ଗବାଡ ବ୍ଲକ ଅଞ୍ଚଳରେ ସାଧାରଣ ନିର୍ବାଚନ ପାଇଁ ବ୍ଲକ ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ଅବାଧ ଓ ମୁକ୍ତ ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ଦିଗକୁ ନେଇ ବାରମ୍ବାର ସମୀକ୍ଷା କରାଯିବା ସହ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମାଓବାଦୀପ୍ରବଣ ଦାରିଙ୍ଗବାଡି ବ୍ଲକ ଦାରିଙ୍ଗବାଡି ଏବଂ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ୨୫ ପଞ୍ଚାୟତରେ ୧୦୬ଟି ବୁଥ୍ ରହିଛି। ପ୍ରାୟ ସମସ୍ତ ବୁଥକୁ ପୋଲିସ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଘନ ଘନ ପରିଦର୍ଶନ ସହ ସମ୍ବେଦନ ଏବଂ ଅତି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଉଛି। ସେହିପରି ଅଞ୍ଚଳରେ ବେଆଇନ ଅସ୍ତ୍ରଶସ୍ତ୍ର ରଖିଥିବା ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କନ୍ଧମାଳ ଏସ୍‌ପିଙ୍କ ନିର୍ଦ୍ଦେଶ ରହିଛି। ଦାରିଙ୍ଗବାଡି, ବ୍ରାହ୍ମଣୀଗାଁ ଏବଂ ଉକ୍ତ ବ୍ଲକର କିଛି ପଞ୍ଚାୟତ ବାଲିଗୁଡା ଥାନା ଅଞ୍ଚଳରେ ଯାଉଥିବାରୁ ସମସ୍ତ ଥାନା

**ବେଆଇନ ବନ୍ଧୁକ ରଖିଲେ କାର୍ଯ୍ୟାନୁଷ୍ଠାନ**



ଜଣେ ବନ୍ଧୁକଧାରୀ ନିଜ ବନ୍ଧୁକ ନେଇ ଥାନାକୁ ଯାଉଛନ୍ତି।

ଅଞ୍ଚଳରେ ଲାଇସନ୍ସପ୍ରାପ୍ତ ବନ୍ଧୁକ ଗୁଡିକୁ ଶୀଘ୍ର ଥାନାରେ ଡିପୋଜିଟ୍ କରିବାକୁ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଆଇଆଇସି ଅଲେଖ ଗରଡିଆ କହିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, କେବଳ ଦାରିଙ୍ଗବାଡି ଥାନା ଅଞ୍ଚଳରେ ୯୨ ଜଣଙ୍କର ଲାଇସନ୍ସ ବନ୍ଧୁକ ରହିଥିବା ବେଳେ ସେଥିରୁ ୨ଜଣ ଅନ୍ୟ ଥାନାକୁ ଲାଇସନ୍ସ ଟ୍ରାନ୍ସଫର କରିନେଇଛନ୍ତି। ଏବେ ୯୦ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରୁ ରବିବାର ସୁଦ୍ଧା ପ୍ରାୟ ୫୫ ଜଣ ବନ୍ଧୁକଧାରୀ ନିଜ ବନ୍ଧୁକ ସହ ଗୁଳି ପୋଲିସ ଜିମା ଦେଇଛନ୍ତି। ବାକି ଲୋକେ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ପହଞ୍ଚିପାରି ନ ଥିବା ପୋଲିସ ଆଶଙ୍କା କରିଛି। ଶୀଘ୍ର ବନ୍ଧୁକ ଡିପୋଜିଟ୍ ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

ବାଡାବାଙ୍ଗା ପଞ୍ଚାୟତ ଜଙ୍ଗଲଘର ଗ୍ରାମର ସୂର୍ଯ୍ୟକାନ୍ତ ପ୍ରଧାନ ରବିବାର ନିଜ ବନ୍ଧୁକ ନେଇ ନିଜ ଗ୍ରାମରୁ ପ୍ରାୟ ୧୫ କିମି ଚାଲିଚାଲି ଆସି ଦାରିଙ୍ଗବାଡି ଥାନାରେ ପହଞ୍ଚିଥିଲେ। ୧୯୭୫ ମସିହାରୁ ସେ ବନ୍ଧୁକ ଲାଇସନ୍ସ ପାଇଛନ୍ତି। ପୋଲିସର ନିର୍ଦ୍ଦେଶ ମାନି ଡିପୋଜିଟ୍ କରିବାକୁ ଆସିଥିବା କହିଥିଲେ। ସୂଚନା ଯୋଗ୍ୟ ଯେ, ଦାରିଙ୍ଗବାଡି ଅଞ୍ଚଳ ଗତ ୨୦୦୭ରୁ ମାଓବାଦୀପ୍ରବଣ ଅଞ୍ଚଳଭାବେ ରହିଆସିଥିବା ବେଳେ ଗତ କିଛି ଦିନ ହେଲା ଉକ୍ତ ଥାନା ଅଞ୍ଚଳରେ ମାଓବାଦୀଙ୍କ ଚଳପ୍ରଚଳ ବୃଦ୍ଧି ପାଇଛି। ବିଭିନ୍ନ ସ୍ଥାନରେ ପୋଷ୍ଟର ବ୍ୟାନର ଲଗାଇ ଉପସ୍ଥିତି ଜାହିର କରୁଛନ୍ତି। ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଉଥିବା ଜଣାପଡିଛି।

# ଅନସ୍ଲୋ ହାଇସ୍କୁଲ ଅନୁଧ୍ୟାନ କଲେ ଜିଲାପାଳ, ଏସ୍‌ପି

**ନିର୍ବାଚନ ପ୍ରସ୍ତୁତି**

**ଛତ୍ରପୁର,୩ା୩(ଡି.ଏନ.ଏ)**

ଛତ୍ରପୁରସ୍ଥିତ ଅନସ୍ଲୋ ସରକାରୀ ହାଇସ୍କୁଲ ପରିସର ବାମ ପାର୍ଶ୍ୱ କୋଠାରେ ସାଧାରଣ ନିର୍ବାଚନ ଲାଗି ଇଭିଏମ ଓ ଭିଭିପାଟ୍ ମେଶିନ ରଖାଯାଇ ବାହାରୁ ସିଲ୍ କରାଯାଇଛି । ବାହାରେ ସିସି କ୍ୟାମେରା ଲାଗି ଥିବାବେଳେ ୨୪ ଘଣ୍ଟିଆ ସୁରକ୍ଷା କର୍ମୀ ମୁତୟନ କରାଯାଇଛି । ମତଦାନ ପରେ ଇଭିଏମକୁ ଅନସ୍ଲୋ ହାଇସ୍କୁଲ ଷ୍ଟ୍ରଙ୍ଗରୁମରେ ଆଣି ରଖାଯାଇ ସିଲ୍ କରାଯିବ । ଏଥିପାଇଁ ହାଇସ୍କୁଲର ଡାହାଣ ପାର୍ଶ୍ୱ କୋଠାର ଉପର ମହଲାରେ ଷ୍ଟ୍ରଙ୍ଗ ରୁମ୍ ନିର୍ମାଣ କରାଯିବ । ନିର୍ବାଚନ ପରେ ଏଠାରେ ଭୋଟ ଗଣତି ହେବ । ଏହାର ପ୍ରସ୍ତୁତି ଏବଂ କେଉଁଠି କ'ଣ କରାଯିବ ରବିବାର ଅନସ୍ଲୋ ସରକାରୀ ହାଇସ୍କୁଲକୁ ଯାଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଏସପି ବ୍ରିଜେଶ କୁମାର ରଏ ମିଳିତ ଭାବେ ଅନୁଧ୍ୟାନ କରିଛନ୍ତି। ଭୋଟ ଗଣତି ପାଇଁ ଏଠାର ଭିତିଭୂମି ସହ ସୁରକ୍ଷା ବ୍ୟବସ୍ଥା କ'ଣ କରାଯିବ ସେ ନେଇ ଏକ ମିଳିତ ରିପୋର୍ଟ ରାଜ୍ୟ ନିର୍ବାଚନ କମିଶନଙ୍କୁ ନିକଟକୁ ପଠାଯିବ । ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଡେପୁଟି ସବକଲେକ୍ଟର ସଚ୍ଚିଦାନନ୍ଦ ନାୟକଙ୍କ ସମେତ ପୂର୍ତ୍ତ ବିଭାଗର ଅଧିକାରୀମାନଙ୍କ ସହ ଜିଲାପାଳ ଓ ଏସପି ଅନସ୍ଲୋ ହାଇସ୍କୁଲ ବୁଲିବା ସହ ସେମାନଙ୍କ ଠାରୁ ବିଭିନ୍ନ ପ୍ରସଙ୍ଗ ଉପରେ ତଥ୍ୟ ପଚାରିଥିଲେ ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ




ଜଣେ କୃତୀ ଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ସହ ମାନପତ୍ର ପ୍ରଦାନ କରୁଛନ୍ତି।

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୩ା୩ (ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ କାଟିଙ୍ଗିଆ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ବିଇଓ ସୁବାସିନୀ ଦିଗାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ଗମ ଅଞ୍ଚଳରେ ଶିକ୍ଷାର ବିକାଶ ସମ୍ପର୍କରେ କହିଥିଲେ। ଏହି ଉତ୍ସବ ପାଳନ ସକାଶେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ଡ୍ୟାନ୍ସ ଏବଂ ସଙ୍ଗୀତ ଗାନ କରି ଦର୍ଶକଙ୍କ ମନ ଜିଣିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କିଶୋର ଚନ୍ଦ୍ର ପରିଚ୍ଛା ଏବଂ ସିଆରସିସି କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ପ୍ରଣୀତା ପ୍ରଧାନ ଧନ୍ୟବାଦ ଜଣାଇଥିଲେ।

---

■ ହିତାଧିକାରୀଙ୍କୁ ସହାୟତା ବଣ୍ଟନ

# ଭଞ୍ଜନଗର ସହରର ନକ୍ସା ବଦଳିଛି: ବିକ୍ରମ



ମନ୍ତ୍ରୀ ଆରୁଖ ଭୂତଳ ଜଳଭଣ୍ଡାରକୁ ଉଦ୍‌ଘାଟନ କରୁଛନ୍ତି।

**ଭଞ୍ଜନଗର,୩ା୩(ଡି.ଏନ.ଏ.)**

ଭଞ୍ଜନଗର ଏନ୍‌ଏସି ପକ୍ଷରୁ ରବିବାର ସନ୍ଧ୍ୟାରେ ବସ୍‌ଷ୍ଟାଣ୍ଡ ପରିସରରେ ଏକ ସଭା ହୋଇଥିଲା। ଏଥିରେ ପକ୍କାଘର, ବିଭିନ୍ନ ଭତ୍ତା, ଯୁବ ଗୋଷ୍ଠୀଙ୍କୁ କ୍ରୀଡା ଉପକରଣ, ଭୂମିହୀନଙ୍କୁ ଜମି ପଟ୍ଟା ସମେତ ଅନ୍ୟାନ୍ୟ ସହାୟତା ବଣ୍ଟନ କରାଯାଇଥିଲା। ବିଭିନ୍ନ ପ୍ରକଳ୍ପକୁ ମଧ୍ୟ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଓ ସରକାରୀ ଉଦ୍ୟୋଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରିଥିଲେ। ଦିନଥିଲା ଭଞ୍ଜନଗର ଏନ୍‌ଏସିର କର୍ମଚାରୀଙ୍କୁ ଦରମା ଠିକ୍ ଭାବେ ମିଳୁ ନ ଥିଲା। ବର୍ଷବର୍ଷ ଧରି କର୍ମଚାରୀ ବକେୟା ଦରମା ପାଉ ନ ଥିଲେ। ସହରରେ ଷ୍ଟ୍ରିଟ୍ ଲାଇଟ ଠିକ୍ ଭାବେ ଜଳୁ ନ ଥିଲା, ରାସ୍ତା ଖରାପ ଥିଲା, ବସ୍‌ଷ୍ଟାଣ୍ଡର ଅବସ୍ଥା ଦୟନୀୟ ଥିଲା। ଆଜି ସବୁ ବଦଳି ଯାଇଛି। କର୍ମଚାରୀଙ୍କୁ ନିୟମିତ ଦରମା ମିଳୁଛି। ଆଧୁନିକଧରଣର ବସ୍‌ଷ୍ଟାଣ୍ଡ ଲୋକଙ୍କ ପାଇଁ ନିର୍ମାଣ ହୋଇଛି। ମୁଖ୍ୟମନ୍ତ୍ରୀ କିଛିଦିନ ପୂର୍ବେ ତାହା ସର୍ବସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ କରିଛନ୍ତି। ଆଧୁନିକଧରଣର ଟାଉନହଲ୍ ନିର୍ମାଣ ହୋଇଛି। ଚଉଡା ରାସ୍ତା ସହ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ପାଇଁ ଏଲଇଡ଼ି ଲାଇଟ୍ ଲଗାଯାଇଛି। ଗରିବ ଲୋକଙ୍କୁ ପକ୍କାଘର ସହ ବିଭିନ୍ନ ଭତ୍ତା ଦିଆଯାଉଛି। ବନ୍ୟା ଦାଉରୁ ସହରବାସୀଙ୍କୁ ରକ୍ଷା କରିବା ପାଇଁ ସହର ଦେଇ ଯାଇଥିବା ଲୋହରାଖଣ୍ଡି ନଦୀ ଆଡ଼ିବନ୍ଧର ଉଚ୍ଚତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଛି। ସମସ୍ତ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ବ୍ୟବସ୍ଥା କରାଯାଇଛି। ୪ଲକ୍ଷ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଭୂତଳ ଜଳଭଣ୍ଡାର ଉଦ୍‌ଘାଟିତ ହୋଇଛି। ଏହାଦ୍ୱାରା ସହରରେ ଆଉ ପାନୀୟ ସମସ୍ୟା ରହିବ ନାହିଁ। ଏଥିସହ ଯେଉଁମାନେ ପାଇପ ଯୋଗେ ପାଣି ନେବାକୁ ଚାହିଁଛନ୍ତି ସେମାନଙ୍କୁ ପାଣି ଯୋଗାଇ ଦିଆଯାଇଛି ବୋଲି ମନ୍ତ୍ରୀ ଆରୁଖ କହିଥିଲେ। ନିର୍ବାହୀ ଅଧିକାରୀ ଭଜରାମ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ବିଜେଡି ନେତା ଏମ୍ ତାଜ୍ ଆଦେନୀ, ସୁଧୀର ବେହେରା, ଶୁଳପାଣି ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହାପୂର୍ବରୁ ବସଷ୍ଟାଣ୍ଡସ୍ଥିତ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ରାସ୍ତାରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଭୂତଳ ଜଳଭଣ୍ଡାରକୁ ମଧ୍ୟ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

# ଭାଜପାର ବିଜୟ ସଂକଳ୍ପ ଶୋଭାଯାତ୍ରା

**ଧରାକୋଟ,୩ା୩(ଡି.ଏନ୍.ଏ.)**

ଧରାକୋଟସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଭାଜପାର ବିଜୟ ସଂକଳ୍ପ ବାଇକ ଶୋଭାଯାତ୍ରା ଇଂ. ପ୍ରଦୀପ କୁମାର ପତ୍ରୀଙ୍କ ନେତୃତ୍ୱରେ ବାହାରି ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ପରିକ୍ରମା କରିଛି। ମୋଦି ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ପ୍ରଶଂସା କରାଯିବା ସହିତ ରାଜ୍ୟ ସରକାରଙ୍କ ମନମୁଖୀ ଶାସନ, ଭ୍ରଷ୍ଟାଚାର, ଦୁର୍ନୀତିକୁ ସମାଲୋଚନା କରାଯାଇଥିଲା। ଆସନ୍ତା ନିର୍ବାଚନରେ ଭାଜପାକୁ ବିଜୟୀ କରାଇବା ପାଇଁ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଇଂ. ପ୍ରଦୀପ କୁମାର ପତ୍ରୀ ଜନ ସାଧାରଣଙ୍କୁ ନିବେଦନ କରିଥିଲେ। ଏହି ଶୋଭାଯାତ୍ରା ଧରାକୋଟ ବ୍ଲକ ସହ ସାନଖେମୁଣ୍ଡି ବ୍ଲକର ବହୁ ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ବହୁ ସ୍ଥାନରେ ପଥପ୍ରାନ୍ତ ସଭା କରାଯାଇଥିଲା। ଧରାକୋଟ ବ୍ଲକର ଶରଧାପୁର ଗ୍ରାମରେ ପ୍ରଭାତ ମିଶ୍ରଙ୍କ ନେତୃତ୍ୱରେ ବହୁ ଯୁବକ ଭାଜପାରେ ଯୋଗଦେଇଥିଲେ। ଏହି ବାଇକ ଶୋଭାଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସନ୍ତୋଷ ଲେଙ୍କା, ଅଶୋକ ପାତ୍ର, ରାମନାଥ ପାଢ଼ୀ, ରାଜେନ୍ଦ୍ର ସାହୁ, କିରଣ ଦାସ, ବୃନ୍ଦାବନ ବରାଡ, ବିନୋଦ କୁମାର ଗୌଡ, କୃଷ୍ଣ ଗୌଡ, ଗଣେଶ ପ୍ରଧାନ, ବଂଶୀଧର ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ବୀମା ରାଶି ପ୍ରଦାନ

**ଭଞ୍ଜନଗର,୩ା୩(ଡି.ଏନ.ଏ.)**



ଶାଖା ପରିଚାଳକ ବୀମା ଅର୍ଥ ପ୍ରଦାନ କରୁଛନ୍ତି।

ଖୁବ୍ କମ୍ ଅର୍ଥରେ ସରକାରୀ ବ୍ୟାଙ୍କରେ ଲୋକେ ଏବିଜେ ଯୋଜନାରେ ବୀମା ସୁବିଧା ପାଉଛନ୍ତି। କୈଣସି ବ୍ୟକ୍ତିଙ୍କ ଅକାଳ ମୃତ୍ୟୁ ଘଟିଲେ ସେମାନଙ୍କ ପରିବାରକୁ ବୀମା ଅର୍ଥ ମଧ୍ୟ ତୁରନ୍ତ ପ୍ରଦାନ ବ୍ୟବସ୍ଥା କରାଯାଉଛି। ଏହିଭଳି ଭଞ୍ଜନଗର ଓ ବେଲଗୁଣ୍ଠା ଆନ୍ଧ୍ରବ୍ୟାଙ୍କ ପକ୍ଷରୁ ୨ଜଣଙ୍କ ପରିବାରକୁ ଶୁକ୍ରବାର ବୀମା ଅର୍ଥ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଭାଲିଆଘାଇର ଟିକି ଭୂୟାଁ ଏବିଜେ ଯୋଜନାରେ ୩୧୮ ଟଙ୍କା ପ୍ରିମିୟମ ବାନ୍ଧିଥିଲେ। ଏହାପରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଫଳରେ ତାଙ୍କ ସ୍ୱାମୀଙ୍କୁ ବୀମା ଅର୍ଥ ବାବଦକୁ ଏକ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସେହିଭଳି ବେଲଗୁଣ୍ଠା ବାଙ୍କବଜାରର ଜଣେ ବ୍ୟକ୍ତି ବେଲଗୁଣ୍ଠା ଶାଖାରୁ ଗୃହ ଋଣ ବାବଦକୁ ୧୫ଲକ୍ଷ ଟଙ୍କା ନେବାସହ ବୀମା କରିଥିଲେ। ଉକ୍ତ ବ୍ୟକ୍ତିଙ୍କ ଏହାପରେ ଅକାଳ ବିୟୋଗ ଘଟିଥିଲା। ଫଳରେ ବୀମା ଅର୍ଥ ତାଙ୍କ ନୋମିନି କେ.ଜଗନ୍ନାଥ ପାତ୍ରଙ୍କୁ ପ୍ରଦାନ କରାଯାଇଛି। ଆୟୋଜିତ ଉତ୍ସବରେ ଭଞ୍ଜନଗର ବ୍ୟାଙ୍କ ପରିଚାଳକ ଅଜୟ କୁମାର ଗୁପ୍ତା, ବେଲଗୁଣ୍ଠା ଶାଖା ପରିଚାଳକ ଦିଲୀପ କୁମାର ରାଉତ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ବୀମା ଅର୍ଥ ପ୍ରଦାନ କରିଥିଲେ।

---

# କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ମୁଖ୍ୟଅତିଥିଙ୍କ ଦ୍ୱାରା ଟୁର୍ନାମେଣ୍ଟ ଉଦ୍‌ଘାଟନ।

**ଦିଗପହଣ୍ଡି, ୩ା୩(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ କାଣ୍ଡେଶ୍ୱର ଗ୍ରାମରେ ତ୍ରିନାଥଠାକୁର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ରବିବାର ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ. ଉତ୍ତମ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବ ପୂର୍ବରୁ ଗ୍ରାମର ବହୁ ସଂଖ୍ୟକ ଯୁବକ ମୁଖ୍ୟଅତିଥିଙ୍କ ବାଦ୍ୟବାଜଣା ପଟୁଆରରେ ଖେଳ ପଡ଼ିଆ ନିକଟକୁ ପାଛୋଟି ନେଇଥିଲେ । ସନ୍ତୋଷ ସାହୁ, ରଘୁନାଥ ସାମନ୍ତରା, ସିମାଞ୍ଚଳ ଦୋରା, କାହ୍ନୁ ରେଡ଼ି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତ୍ରିପତି ରେଡ୍ଡୀ, କୃଷ୍ଣଚନ୍ଦ୍ର ରେଡ୍ଡୀ, ମୁନା ରେଡ୍ଡୀ, ଧୋବା ରେଡ୍ଡୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ୩୨ଟି ଟିମ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ବଡ଼ତୁମୁଳା ଗ୍ରାମ କ୍ରିକେଟ ଟିମ୍ ଟସ ଜିଣି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୬୦ ରନ୍ କରିଥିବା ବେଳେ ପ୍ରତିପକ୍ଷ କାଳିଆ ଘାଇ କ୍ରିକେଟ ଟିମ୍ ୮.୦୩ ଓଭରରେ ୬୧ ରନ୍ କରି ବିଜୟୀ ହୋଇଥିଲା। ପି. କୃଷ୍ଣ ଏବଂ ଏସ୍. ତ୍ରିପତି ରେଡ୍ଡୀ ମ୍ୟାଚ୍‌ରେ ଅମ୍ପାୟରିଂ କରିଥିଲେ ।

# ଜମି ବିବାଦ: ୨ ପରିବାର ମଧ୍ୟରେ ସଂଘର୍ଷ

**ଦିଗପହଣ୍ଡି,୩ା୩(ଡି.ଏନ୍.ଏ.)**

ଦିଗପହଣ୍ଡି ଥାନା ବି.ତୁରୁବୁଡ଼ି ଗ୍ରାମରେ ବାସଗୃହ ଜମି ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଘଟିଥିବା ଆକ୍ରମଣ ପ୍ରତିଆକ୍ରମଣରେ ଉଭୟ ପକ୍ଷର ୨ ମହିଳାଙ୍କ ସମେତ ସମୁଦାୟ ୬ ଜଣ ଆହତ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷର ଏତଲା କ୍ରମେ ନଂ. ୩୪/୧୯ ଓ ୩୫/୧୯ରେ ପୃଥକ୍ ମାମଲା ରୁଜୁ ହୋଇଛି । ଉଭୟ ପରିବାରର ସମୁଦାୟ ୧୦ ସଦସ୍ୟଙ୍କ ନାଁରେ ପୋଲିସ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶନିବାର ସକାଳ ପ୍ରାୟ ୭ଟାରେ ପୁଣିଥରେ ଗ୍ରାମର ଏସ୍. ଲକ୍ଷ୍ମୀ ପାତ୍ରଙ୍କ ଘର ଉପରେ ଏ. କୁମାରୀ ପାତ୍ର ଓ ତାଙ୍କ ପୁଅ ଏ. ଭଗବାନ ପାତ୍ର, ଏ. ଗଣେଶ ପାତ୍ର, ସ୍ୱାମୀ ଏ. କୈଳାସ ପାତ୍ର ଚଢ଼ାଉ କରି ଧମକ ଦେଇଥିଲେ। ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପରିବାରର ୪ ଜଣଙ୍କୁ ଥାନାକୁ ଉଠାଇ ଆଣିଥିଲା ।

# ଫୁଟବଲ ଟୁର୍ନାମେଣ୍ଟ: ଭଞ୍ଜନଗର ଫାଇନାଲରେ



ଦୁଇଦଳର ଖେଳାଳିଙ୍କ ଗହଣରେ ଅତିଥି ।

**ଭଞ୍ଜନଗର,୩ା୩(ଡି.ଏନ.ଏ.)**

ଭଞ୍ଜନଗର ଜେଲ ପଡ଼ିଆରେ ଚାଲିଥିବା ଘୁମୁସର ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ରବିବାର ବ୍ରହ୍ମପୁର ପତିତପାବନ କ୍ଲବ ଓ ଭଞ୍ଜନଗର ଏ. ଗୁରୁବା ଏକାଦଶ ମଧ୍ୟରେ ହୋଇଥିଲା। ଭଞ୍ଜନଗର ୨–୦ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଭଞ୍ଜନଗରର ଏ. ଏଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସୁଦିପ୍ ଦାସ, ପ୍ରେମଚାନ୍ଦ୍ ସିଂ, ପି. ରମେଶ, ସରୋଜ ମହାରଣା ମ୍ୟାଚ ପରିଚାଳନା କରିଥିଲେ। ସାଉଥ୍‌କୋ ଭିଜିଲାନ୍ସ ନିର୍ବାହୀଯନ୍ତ୍ରୀ ପ୍ରଦୀପ କୁମାର ରାଓ, ସହକାରୀ ନିର୍ବାହୀଯନ୍ତ୍ରୀ ଉତ୍କଳ ସିଂ, ରଶ୍ମି ସାହୁ, ଏସ୍.ଏନ. ଆଚାରୀ, ବାବୁନି ମହାନ୍ତି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଭଞ୍ଜନଗର ଟାଉନ କ୍ଲବ ଓ ଫୁଲବାଣୀ ମଧ୍ୟରେ ସୋମବାର ଗ୍ରୁପ 'ବି'ର ପ୍ରଥମ ମ୍ୟାଚ୍ ହେବ ।

## ସଂକ୍ଷେପରେ

### ୨ ଚୋରା ମଦ ବେପାରୀ ଗିରଫ

ନୀଳଗିରି, ୩।୩ (ଡି.ଏନ.ଏ.): ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ରବିବାର ସ୍ଥାନୀୟ ଥାନାର ବିଭିନ୍ନ ଗାଁର ଚଢାଉ କରାଯାଇ ୨ଜଣ ଚୋରା ଦେଶୀ ମଦ ବେପାରୀଙ୍କୁ ଗିରଫ କରାଯାଇଛି । ତାଙ୍କଠାରୁ ସମୁଦାୟ ୧୬ଲିଟର ମଦ ଜବତ କରାଯାଇଛି। ଏନେଇ ବିଭାଗରେ ମାମଲା (ନଂ. ୧୦୯/୧୯ ଓ ୧୧୦/୧୯) ରୁଜୁ କରାଯାଇ ଗିରଫ ବେପାରୀଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି । ସେମାନେ ହେଲେ ବଡପାଟପୁର ଗାଁର ଶଶିକାନ୍ତ ବେହେରା (୫୦) ଓ ଶ୍ୟାମସୁନ୍ଦରପୁର ଗାଁର ରାମକୃଷ୍ଣ ଦେହୁରୀ (୩୦)। ଜିଲା ଆରକ୍ଷୀ ଅଧୀକ୍ଷକ ରାଜେନ୍ଦ୍ର ଭଦ୍ରାଙ୍କ ନିର୍ଦ୍ଦେଶକ୍ରମେ ପୂର୍ବାହ୍ନରେ ଅବକାରୀ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଏହି ଚଢାଉରେ ସାମିଲ ଥିଲେ ।

### ଆଜିଠୁ ଷଷ୍ଠ ଲଙ୍ଗଳେଶ୍ୱର ପୁସ୍ତକ ମେଳା

ବାଲିଆପାଳ, ୩।୩(ସ୍ୱ.ପ୍ର.): ଷଷ୍ଠ ଲଙ୍ଗଳେଶ୍ୱର ପୁସ୍ତକ ମେଳା ସୋମବାର ପବିତ୍ର ଶିବରାତ୍ରି ଅବସରରେ ଉଦ୍‌ଘାଟିତ ହେବ। ବେଳାଭୂମି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଗତ ୫ବର୍ଷ ହେଲା ପ୍ରସିଦ୍ଧ ଶୈବପୀଠ ଲଙ୍ଗଳେଶ୍ୱର ହରପାର୍ବତୀ ମନ୍ଦିର ନିକଟସ୍ଥ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଏହା ଆୟୋଜିତ ହୋଇଆସୁଛି। ୮ ଦିନ ଧରି ହେବାକୁ ଥିବା ଏହି ପୁସ୍ତକମେଳାରେ ରାଜ୍ୟର ବହୁ ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥା ଯୋଗଦେବେ। ଏହାଛଡ଼ା ଏଠାରେ ପ୍ରତ୍ୟହ ସାହିତ୍ୟ, ସଂସ୍କୃତି ଏବଂ ପୁସ୍ତକ ସମ୍ପର୍କୀୟ ଆଲୋଚନା ସଭା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବହୁ ପ୍ରତିଷ୍ଠିତ ସାହିତ୍ୟିକ, ଲେଖକ, କବି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି ଆୟୋଜକ କମିଟିର ମୁଖ୍ୟ ସୁରେନ୍ଦ୍ର ରାଉଳ ସୂଚନା ଦେଇଛନ୍ତି ।

### ୫ କେଜି ବାର୍ହା ମାଂସ ଜବତ

ସଜନାଗଡ଼, ୩।୩ (ଡି.ଏନ.ଏ.): ନୀଳଗିରି ରେଞ୍ଜ ଅଧୀନ ଚଲଣାପାଳ ଗ୍ରାମର ୫ଜଣ ଯୁବକ ନିକଟସ୍ଥ ସ୍ୱର୍ଣ୍ଣଚୂଡ଼ ପାହାଡ଼ରୁ ଏକ ବାର୍ହା ମାରି ଧୋବଶିଳା ପଞ୍ଚାୟତର ଚଲଣାପାଳ ଗ୍ରାମର ହାଉଡ଼ା ସିଂ (୪୫)ଙ୍କ ଘରେ ମାଂସ ଭାଗ ବଣ୍ଟା କରୁଥିବା ବନବିଭାଗ ଖବର ପାଇଥିଲା। ନୀଳଗିରି ରେଞ୍ଜର ସୁକୁମାର ଦାସଙ୍କ ନିର୍ଦ୍ଦେଶରେ ଫରେଷ୍ଟର ଦେବରାଜ ରାଉତ, ଫରେଷ୍ଟଗାର୍ଡ ହିମାଂଶୁ ପାଢ଼ୀ, ମିତ୍ରପୁର ଫରେଷ୍ଟଗାର୍ଡ ଦୁଷ୍ମନ୍ତ ଜେନା ଅତର୍କିତ ଭାବେ ଚଢାଉ କରିଥିଲେ। ବନବିଭାଗର ଚଢ଼ାଉ ଜାଣିପାରି ଅଭିଯୁକ୍ତମାନେ ମାଂସ ଓ ତରାଜୁ, ପନିକି ଓ ବିଭିନ୍ନ ହତିଆର ଛାଡ଼ି ଘଟଣାସ୍ଥଳରୁ ଛୁ ମାରିଥିଲେ। ବନବିଭାଗ ମାଂସ ଓ ହତିଆର ଜବତ କରିବା ସହିତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



ଖଇରା, ୩।୩(ଡି.ଏନ.ଏ.): ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ନୂଆସାହି ଗ୍ରାମରେ ଗାୟତ୍ରୀ ପରିବାର ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଧର୍ମଧ୍ୱଜା ଉତ୍ତୋଳନ ପରେ ହରପ୍ରିୟା ମହଲା, ରାଧିକା ମହଲା, ଜ୍ୟୋତ୍ସ୍ନାରାଣି ମହଲା, ମମତା ଶିଅଳ ପ୍ରମୁଖଙ୍କ ନେତୃତ୍ୱରେ ଏକ କଳସ ଶୋଭାଯାତ୍ରା ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା। ଶନିବାର ପଣ୍ଡିତ ଦୀପ୍ତିକାନ୍ତ ମିଶ୍ର, ଜଗନ୍ନାଥ ମିଶ୍ର, ତନ୍ମୟ ଦାଶ ପ୍ରମୁଖଙ୍କ ଦ୍ୱାରା ଯଜ୍ଞ କର୍ମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଯୁଗ ସଙ୍ଗୀତ ଗାନ ଓ ପ୍ରବଚନର ଆୟୋଜନ କରାଯାଇଥିଲା। କମିଟି କର୍ମକର୍ତ୍ତା କରୁଣାକର ମହଲା, ନିର୍ବିକଳ୍ପ ଦାସ, ବାସୁଦେବ ପୁଥାଳ,ଗଜେନ୍ଦ୍ର ସାହୁ, ଅନନ୍ତ ବେହେରା ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

## ଲଙ୍ଗଳେଶ୍ୱର ପୀଠ

# ଏଠି ଲଙ୍ଗଳ ଧରି ଚାଷ କରିଥିଲେ ମହାଦେବ

ବାଲିଆପାଳ, ୩।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ପୂଜା ପାଉଛନ୍ତି ବାବା ଲଙ୍ଗଳେଶ୍ୱରଜୀଉ। ଏହି ପ୍ରାଚୀନ ଶୈବପୀଠର ମହାତ୍ମ୍ୟ ସ୍ୱତନ୍ତ୍ର। ଏଠାରେ ସ୍ୱୟଂ ମହାଦେବ ଲଙ୍ଗଳ ଧରି ଚାଷ କରିଥିବାରୁ ଏହି ପୀଠର ଏପରି ନାମକରଣ କରାଯାଇଛି ବୋଲି କୁହାଯାଏ। ସୋମବାରଠାରୁ ଏଠାରେ ପ୍ରସିଦ୍ଧ ଜାଗର ଯାତ୍ରା ଆରମ୍ଭ ହେବ। ଏହି ଯାତ୍ରା ୧୫ ଦିନ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ବେଳେ ଲଙ୍ଗଳେଶ୍ୱର ମନ୍ଦିର ପରିସର ଓ ବଜାର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଚଳିତବର୍ଷ ୫୦ହଜାର ଭକ୍ତ ଏଠାରେ ଜାଗର ଦୀପ ଜାଳିବେ ବୋଲି ଆକଳନ କରାଯାଇଛି । ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହି ଶୈବପୀଠକୁ ଚିହ୍ନଟ କରାଯାଇଛି ମାତ୍ର ସରକାରୀ ପ୍ରୋତ୍ସାହନ ଅଭାବରୁ ପୀଠର ବିକାଶ ହୋଇପାରୁନାହିଁ। ପୀଠରେ ପରିମଳ, ପାନୀୟଜଳ ଯୋଗାଣ, ଭକ୍ତମାନଙ୍କର ରହଣି ପାଇଁ ସ୍ଥାନର ଅଭାବ, ଗମନାଗମନ ଆଦି ସମସ୍ୟା ଲାଗି ରହିଛି। ଜାଗର ଯାତ୍ରା ୧୫ଦିନ ପର୍ଯ୍ୟନ୍ତ ହେଉଥିବାରୁ ପ୍ରଶାସନ ଏଥିପ୍ରତି ସଜାଗ ରହିବାକୁ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି।

**ଆଜିଠୁ ୧୫ ଦିନ ପର୍ଯ୍ୟନ୍ତ ଚାଲିବ ଜାଗର ଯାତ୍ରା**



ଲଙ୍ଗଳେଶ୍ୱର ମନ୍ଦିରରେ ପୂଜା ପାଉଥିବା ମହାଦେବ।

### କିମ୍ବଦନ୍ତୀ କହେ

ସ୍ୱୟଂ କୈଳାଶାଧିପତି ମହାଦେବ ମାତା ପାର୍ବତୀଙ୍କ ସହ ଏହିଠାରେ ଲୀଳାଖେଳା କରିବା ପାଇଁ ଆବିର୍ଭୂତ ହୋଇଥିଲେ। ମହାଦେବ ଲଙ୍ଗଳ ଧରି ମନ୍ଦିର ନିକଟବର୍ତ୍ତୀ ଷୋଳସା ପାଣ୍ଟକୁ ଚାଷ କରିଥିବାରୁ ଉକ୍ତ ପୀଠର ଏପରି ନାମକରଣ ହୋଇଛି । କବିବର ରାଧାନାଥ ରାୟ ତାଙ୍କର 'ଉଷା' ଓ 'ନନ୍ଦିକେଶ୍ୱରୀ' କାବ୍ୟରେ ଲଙ୍ଗଳେଶ୍ୱର ମହାଦେବଙ୍କ ମହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମନ୍ଦିର ସନ୍ନିକଟ ନଦୀରେ ମାତା ପାର୍ବତୀ କେଉଟୁଣୀ ରୂପ ଧାରଣ କରି ନଦୀରେ ନୌକା ସାହାଯ୍ୟରେ ଯାତାୟାତ କରିଥିବାରୁ ସେହି ନଦୀର ନାମକରଣ କେଉଁ କାଳରୁ ପାର୍ବତୀ ନଦୀ ବୋଲି କଥିତ ହେଉଛି । ଜାମଶୂଳୀ, ଗୋହାଳିପଦା, ବଣିଆଡିହା, ମହାବଳା ଆଦି ଗାଁ ଶିବ ପାର୍ବତୀଙ୍କ ଲୀଳାଖେଳାରୁ ପ୍ରତିପନ୍ନ ହୋଇଛି । ମହାଦେବଙ୍କ ମନ୍ଦିରର ସମ୍ମୁଖ ଭାଗରେ ମାତା ପାର୍ବତୀ ମନ୍ଦିର ବିଦ୍ୟମାନ। ମହାଦେବଙ୍କ ଶକ୍ତି ଏଠାରେ ସ୍ପଷ୍ଟ ବାରି ହୋଇପଡୁଥିବା ବେଳେ ଜ୍ୟୋତିର୍ଲିଙ୍ଗ ଭୂତଳଗାମୀ ହୋଇଯାଇଛି। ମହାଦେବଙ୍କ ଦୁଇବଳଦ ପବନା ଓ ବାସୁଆଙ୍କ ମଧ୍ୟରୁ ଏବେ କେବଳ ବାସୁଆ ମନ୍ଦିର ବେଢାରେ ରହିଛି। ମହାଦେବଙ୍କ ମହିମା ଅପାର। ଭକ୍ତମାନେ ଜାଗର ବେଳାରେ ମହାଦୀପ ଉଠିବା ପର୍ଯ୍ୟନ୍ତ ନିର୍ଜଳା ଉପବାସ ରହନ୍ତି। ମହାଦେବଙ୍କ କୃପା କରୁଣାରୁ ଭକ୍ତମାନଙ୍କ ମନସ୍କାମନା ପୂରଣ ହୋଇଥାଏ । ଏଥିପାଇଁ ଏଠାକୁ ବର୍ଷତମାମ୍ ଭକ୍ତମାନଙ୍କ ଯିବା ଆସିବା ଲାଗି ରହିଥାଏ। ମନ୍ଦିରର ରକ୍ଷଣାବେକ୍ଷଣା ପାଇଁ ବର୍ଷେ ତଳେ ଏକ ଟ୍ରଷ୍ଟ ବୋର୍ଡ ଗଠିତ ହୋଇଥିଲା । ମାତ୍ର ତାହାକୁ କେନ୍ଦ୍ର କରି ମାମଲା ଏବେ ହାଇକୋର୍ଟରେ । ଚଳିତବର୍ଷ ଜାଗର ଯାତ୍ରାକୁ ସୁରକ୍ଷିତ ତଥା ଶୃଙ୍ଖଳିତ କରିବା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସିଂଲା ଥାନାଧିକାରୀ କହିଛନ୍ତି ।



ଶେରଗଡ଼ ଫାଣ୍ଡି ପରିସରରେ ଚାଲିଥିବା ଶାନ୍ତି କମିଟି ବୈଠକ।

## ଶିବରାତ୍ରି ପାଳନ ଲାଗି ଶାନ୍ତି କମିଟି ବୈଠକ

ରେମୁଣା, ୩।୩(ଡି.ଏନ.ଏ.)

ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଶେରଗଡ଼ସ୍ଥିତ ପୁରାଣ ପ୍ରସିଦ୍ଧ ଖଜୁରେଶ୍ୱର ମହାଦେବ ମନ୍ଦିରରେ ସୋମବାର ପବିତ୍ର ଶିବରାତ୍ରି ଉତ୍ସବ ଶାନ୍ତିଶୃଙ୍ଖଳାର କରାଯିବା ଲାଗି ରବିବାର ସେରଗଡ଼ ଫାଣ୍ଡି ପରିସରରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍‌ଡ଼ିପିଓ ପ୍ରଭାସ ଚନ୍ଦ୍ର ପାଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବରାତ୍ରି ଉତ୍ସବ ନିର୍ଦ୍ଧାରିତ ନୀତିକାନ୍ତ ଅନୁଯାୟୀ ସମାପନ, ଭକ୍ତ, ବିଶେଷତଃ ହଜାର ହଜାର ସଂଖ୍ୟାରେ ମହିଳାମାନଙ୍କ ସମାଗମ ହେଉଥିବାରୁ ଉତ୍ସବ ଆୟୋଜନରେ ସମସ୍ତେ ସହଯୋଗ କରିବାକୁ ଏସ୍‌ଡ଼ିପିଓ ପାଲ ଅନୁରୋଧ କରିଥିଲେ। ଶିବରାତ୍ରି ଉତ୍ସବ ପାଳନ ପାଇଁ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା। ବୈଠକରେ ଖନ୍ତାପଡ଼ା ଥାନାରେ ଇନ୍ସପେକ୍ଟର ଇନଚାର୍ଜ ଶ୍ରୀବଲ୍ଲଭ ସାହୁ, ସେରଗଡ଼ ଫାଣ୍ଡି ଏଏସ୍‌ଆଇ ଅଭିମନ୍ୟୁ ଦାସ, ମନ୍ଦିର୍ ନବଗଠିତ ନ୍ୟାସୀମଣ୍ଡଳର ମୁଖ୍ୟନ୍ୟାସୀ ରବି ରାଉତ, ନ୍ୟାସୀମଣ୍ଡଳର ସଭ୍ୟ ତଥା ପୂର୍ବତନ ସରପଞ୍ଚ ସୋମନାଥ ରାଉତ, ପ୍ରଭାକର ନାୟକ, ସଭ୍ୟ ସ୍ଥିତିଧର ସେନାପତି, ୱାର୍ଡ଼ସଭ୍ୟ ତ୍ରିନାଥ ପଣ୍ଡା, ପ୍ରଭାତ ନାୟକ, ଦିଲୀପ ପଣ୍ଡା, ମହେଶ୍ୱର ମଣ୍ଡଳ, ସୁବ୍ରତ ବାରିକ, ଲକ୍ଷ୍ମୀକାନ୍ତ ବେହେରା, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ରାଉତ, ମନ୍ଦିର ପୂଜକ ମନୋରଞ୍ଜନ ପଣ୍ଡା, ମହେଶ୍ୱର ପଣ୍ଡା, ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧି ରାଜାକ ଖାଁଙ୍କ ସମେତ ଭାସ୍କର ନାୟକ, ଅନନ୍ତ ନାୟକ, ସୁଶାନ୍ତ ନାୟକ, ଦିଲୀପ ସ୍ୱାଇଁ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଖ୍ୟାଲଘୁ ସମ୍ପ୍ରଦାୟ ପରିବେଷ୍ଟିତ ଏହି ମନ୍ଦିରରେ ଜାଗର ଯାତ୍ରାକୁ ଉଭୟ ସମ୍ପ୍ରଦାୟ ସହଯୋଗ ଓ ସଦ୍‌ଭାବନାର ସହିତ ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ପଞ୍ଚୁବିଶା ନଦୀର ପୁନରୁଦ୍ଧାର କାର୍ଯ୍ୟ ଶିଳାନ୍ୟାସ



ପଞ୍ଚୁବିଶା ନଦୀର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ ଅବସରରେ ଅନୁଷ୍ଠିତ ସଭାରେ ବିଧାୟକ ଓ ଅନ୍ୟମାନେ।

ବାହାନଗା, ୩।୩(ଡି.ଏନ.ଏ.)

ସୋର ବିଧାୟକଙ୍କ ଦ୍ୱାରା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ପଞ୍ଚୁବିଶା ନଦୀର ପୁନରୁଦ୍ଧାର କାର୍ଯ୍ୟ ରବିବାର ଶିଳାନ୍ୟାସ କରାଯାଇଛି। ଜଳସମ୍ପଦ ବିଭାଗ ଦ୍ୱାରା ବାହାନଗା ବ୍ଲକ ଖରାସାହାପୁର ନିକଟସ୍ଥ ଉପରଆଡ଼ିଆ ସମୁଦ୍ର କୂଳରେ ଥିବା ପଞ୍ଚୁବିଶା ମତ୍ସ୍ୟଧରା ଓ ବିତରଣ କେନ୍ଦ୍ରଠାରୁ ପଞ୍ଚୁବିଶା ନଦୀ ମୁହାଣ ପର୍ଯ୍ୟନ୍ତ ନଦୀର ପୁନରୁଦ୍ଧାର କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାର ୫କୋଟି ଟଙ୍କା ଅନୁମୋଦନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧କୋଟି ୧୪ଲକ୍ଷ ୪ହଜାର ୯୫୪ ଟଙ୍କା ମଞ୍ଜୁର ହୋଇଛି।

ପଞ୍ଚୁବିଶା ନଦୀ ମାଟି ଅତଡ଼ା ଖାଇ ପୋତି ହୋଇପଡୁଥିବାରୁ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ଯାଇ ମାଛ ଧରିବାକୁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମୁଦ୍ର ପାଣି ବିନା ଜୁଆରରେ ମତ୍ସ୍ୟଧରା କେନ୍ଦ୍ର ନିକଟକୁ ପଶେ ନାହିଁ । ଯେତେବେଳେ ଜୁଆର ଆସେ ସେତେବେଳେ ମୁହାଣରୁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ଧରିବା ପାଇଁ ଡଙ୍ଗା ଭୁଟୁଭୁଟି ଆଦି ଧରି ଯାଇଥାନ୍ତି। ଅନ୍ୟପକ୍ଷରେ ବର୍ଷା ହେଲେ ପାଣି ନିଷ୍କାସନ ହେବାରେ ବାଧକ ଉପୁଜେ। କାରଣ ନଦୀ ପୋତିହୋଇଯିବା ସହିତ ଚିଙ୍ଗୁଡି ମାଫିଆମାନେ ନଦୀକୁ ବନ୍ଧ ପକାଇ ପାଣି ଅବରୋଧ କରିଛନ୍ତି। ଫଳରେ ବର୍ଷା ଦିନରେ ଜଳ ନିଷ୍କାସନ ହୋଇପାରେ ନାହିଁ। ତେଣୁ ସ୍ଥାନୀୟ ଲୋକ ଓ ମତ୍ସ୍ୟଜୀବୀମାନେ ପଞ୍ଚୁବିଶା ନଦୀ ଖନନ ନିମନ୍ତେ ବାରମ୍ବାର ବିଧାୟକଙ୍କ ସମେତ ମତ୍ସ୍ୟ ବିଭାଗ ମନ୍ତ୍ରୀଙ୍କଠାରେ ଦାବି କରି ଆସୁଥିଲେ। ୫ବର୍ଷ ମଧ୍ୟରେ ୨ଜଣ ମତ୍ସ୍ୟବିଭାଗ ମନ୍ତ୍ରୀ ମତ୍ସ୍ୟଧରା ଓ ବିତରଣ କେନ୍ଦ୍ରକୁ ଆସି ଲୋକମାନଙ୍କ ଦୀର୍ଘଦିନର ଦାବି ବିଷୟରେ ଅବଗତ ହୋଇ ତାହା ଖନନ ପାଇଁ ପ୍ରତିଶ୍ରୁତି ଦେଇଯାଇଥିଲେ। ରାଜ୍ୟ ସରକାର ଏବେ ପଞ୍ଚୁବିଶା ନଦୀର ପୁନରୁଦ୍ଧାର ପାଇଁ ୧କୋଟି ୧୪ଲକ୍ଷ ୪ହଜାର ୯୫୪ ଟଙ୍କା ମଞ୍ଜୁର କରିଛନ୍ତି । ଶିଳାନ୍ୟାସ ଉତ୍ସବରେ ବିଧାୟକ ପର୍ଶୁରାମ ଧଡା, ଜଳସମ୍ପଦ ବିଭାଗ ଓ ଡ୍ରେନେଜ ବିଭାଗର କନିଷ୍ଠଯନ୍ତ୍ରୀ ହରିନାରାୟଣ ପ୍ରମାଣିକ, ବିଜେଡି ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଭ୍ୟ ଗିରୀଶ ଚନ୍ଦ୍ର ଦାଶ, ଜିଲା ବିଜେଡି ଉପସଭାପତି ପ୍ରଦୀପ କୁମାର ଜେନା, ଜିଲା ମତ୍ସ୍ୟଜୀବୀ ଫୋରମ ସଭାପତି କିରଣ କୁମାର ବେହେରା, ଅଭଣା ସରପଞ୍ଚ ଦୟାନିଧି ମାଝି, ସବିତା ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପରଆଡିଆସ୍ଥିତ ପଞ୍ଚବିଶା ମତ୍ସ୍ୟଧରା ବିତରଣ କେନ୍ଦ୍ର ପରିସରରେ ମତ୍ସ୍ୟଜୀବୀ ସଂଘ ତରଫରୁ ଏକ ସଭା କରାଯାଇଥିଲା। ଏଥିରେ ଫୋରମ୍‌ର ସଭାପତି କିରଣ କୁମାର ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରର ସଭାପତି କାଶୀନାଥ ମାଝି, ସମ୍ପାଦକ କୈଳାସ ଚନ୍ଦ୍ର ଦାସ, ମତ୍ସ୍ୟଜୀବୀ ଫୋରମ୍‌ର ସଭ୍ୟ ଶିଶିର ମାଝି, ୨୦ ନମ୍ବର ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଶରତ ମହାଲିକ, ଖରାସାହାପୁର ସରପଞ୍ଚଙ୍କ ପ୍ରତିନିଧି ଶ୍ୟାମସୁନ୍ଦର ଯେନା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ସେତୁ ଶିଳାନ୍ୟାସ କଲେ ବିଧାୟକ

ବାହାନଗା, ୩।୩(ଡି.ଏନ.ଏ.)

ବାହାନଗା ବ୍ଲକ କୋଟିଆକୋଇଲି ଗ୍ରାମର ଜଗନ୍ନାଥପୁର ଶଙ୍ଖସାହିରୁ କୋଟିଆକୋଇଲି ରାସ୍ତାରେ ଥିବା ରେବ ନାଳ ଉପରେ ବିଜୁସେତୁ ରବିବାର ଶିଳାନ୍ୟାସ କରାଯାଇଛି। ସୋର ବିଧାୟକ ପର୍ଶୁରାମ ଧଡ଼ା ଏହାର ଶିଳନ୍ୟାସ କରିଛନ୍ତି। ଜଗନ୍ନାଥପୁର ଶଙ୍ଖସାହିରୁ କୋଟିଆକୋଇଲି ଗ୍ରାମକୁ ଯିବା ପାଇଁ ରାସ୍ତା ନ ଥିଲା । ଲୋକମାନେ ଭଙ୍ଗା ପୋଲ ଉପରେ ଯାତାୟାତ କରୁଥିଲେ । ୪ଚକିଆ କିମ୍ବା ଦୁଇଚକିଆ ଗାଡ଼ି ଯିବା ଅସମ୍ଭବ ହୋଇପଡୁଥିଲା। ଦୀର୍ଘଦିନର ଦାବି ପରେ ବିଧାୟକ ପର୍ଶୁରାମ ଧଡ଼ାଙ୍କ ହସ୍ତକ୍ଷେପ ପରେ ରାଜ୍ୟ ସରକାର ରେବନଦୀ ନାଳ ଉପରେ ବିଜୁ ସେତୁ ନିର୍ମାଣ କରିବା ପାଇଁ ୨କୋଟି ୫୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅବସରରେ ବିଧାୟକ ଧଡ଼ାଙ୍କ ସମେତ କୋଟିଆକୋଇଲି ସରପଞ୍ଚ ମାନସୀ ମଲିକ, ସମିତିସଭ୍ୟା ଯଶୋଦା ମଣି ଶିଅଳ, ବାହାନଗା ବ୍ଲକ ବିଜେଡି ସଭାପତି ଅଜୟ କୁମାର ପଣ୍ଡା, ଡ୍ରେନେଜ ବିଭାଗର କନିଷ୍ଠଯନ୍ତ୍ରୀ ହରିନାରାୟଣ ପ୍ରମାଣିକ, ଅବସରପ୍ରାପ୍ତ ଶିକ୍ଷାଧିକାରୀ ବାଞ୍ଛାନିଧି ବେହେରା, ପ୍ରଭାତ ଦାସ, ହରେକୃଷ୍ଣ ଶିଅଳ, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏନେଇ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ହରେକୃଷ୍ଣ ଶିଅଳ ସଭାପତିତ୍ୱ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

## ଖଇରାରେ ମିଶନ ଶକ୍ତି ଋଣ ମେଳା

ଖଇରା, ୩।୩(ଡି.ଏନ.ଏ.)

ଖଇରା ସମନ୍ୱିତ ଶିଶୁବିକାଶ ସେବା ପ୍ରକଳ୍ପ ଆନୁକୂଲ୍ୟରେ ମିଶନ ଶକ୍ତି, ଋଣମେଳା ଶନିବାର ଅନୁଷ୍ଠିତ ହୋଇଯାଇଅଛି। ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଆତ୍ମନିର୍ଭର ହେବା ପାଇଁ ସଂଘର୍ଷ କରୁଥିବା ମହିଳାମାନଙ୍କ ଉନ୍ନତି ହେଲେ ଦେଶର ଉନ୍ନତି ହେବ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ରାଜ୍ୟରେ ୬ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅଧିକ ସ୍ୱାବଲମ୍ବୀ କରାଇବା ପାଇଁ ସରକାର ନୂଆ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ବୋଲି ଉଲ୍ଲେଖ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା ଭାରପ୍ରାପ୍ତ ସମାଜ ମଙ୍ଗଳ ଅଧିକାରିଣୀ ରିଜୱାନା, ବିଡିଓ ମହେଶ କୁମାର ଚୌଧୁରୀ, ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ରବୀନ୍ଦ୍ର କୁମାର ଜେନା, ବ୍ଲକ ମହାସଂଘର ସଭାନେତ୍ରୀ ରଶ୍ମିତା ମହାପାତ୍ର, ସମ୍ପାଦିକା ସୁମିତ୍ରା ମହାପାତ୍ର, ମିଶନ ଶକ୍ତିର ସଫଳତା ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ସିଡିପିଓ ନର୍ମଦା ଦେଓ ମିଶନ ଶକ୍ତି ମେଳାର ଉଦ୍ଦେଶ୍ୟ ଓ ୨୩୮୭ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଡିଜିଟାଲ ସଶକ୍ତୀକରଣ ପାଇଁ ପ୍ରତି ଗୋଷ୍ଠୀକୁ ୩ହଜାର ଟଙ୍କା ବ୍ୟାଙ୍କ ଜରିଆରେ ପ୍ରଦାନ, ଆଦୌ ସରକାରୀ ସହାୟତା ପାଇ ନ ଥିବା ୭୨୩ ନୂଆ ଏସ୍‌ଏଚ୍‌ଜି ଓ ୫୨୭ ପୁରାତନ ଏସ୍‌ଏଚ୍‌ଜିଙ୍କୁ ସୁଧ ରିହାତି ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ୪ଶହରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ମିଶନ ଶକ୍ତି ମେଳାରେ ଭାଗନେଇଥିଲେ। ସୁମିତ୍ରା ମହାପାତ୍ର ଓ ତୁଳସୀ ସ ଋଣ ରିହାତି ଯୋଗୁ ଆର୍ଥିକ କ୍ଷେତ୍ରରେ ଅଧିକ ସୁଦୃଢ଼ ହୋଇପାରିଛନ୍ତି ବୋଲି ମହିଳାମାନଙ୍କ ଆଗରେ ବର୍ଣ୍ଣନା କରିଥିଲେ। ଖଇରା ୟୁକୋ ବ୍ୟାଙ୍କ ତରଫରୁ ୩ ଗୋଟି ଏସ୍‌ଏଚ୍‌ଜିକୁ ଋଣ ପ୍ରଦାନ କରାଯାଇଥିଲା। ସାରକୋଣା ଏମବିକେ କୃଷ୍ଣପ୍ରିୟା ମହାନ୍ତି ଓ ସମସ୍ତ ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଗ୍ରାମପଞ୍ଚାୟତ ମହାସଂଘର ସଭାପତି ଓ ସମ୍ପାଦିକା କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରସନ୍ନ କୁମାର ପାହାନ ଧନ୍ୟବାଦ ଅର୍ପଣ କରିଥିଲେ।




ସଭାରେ ଉପସ୍ଥିତ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

# ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭୋଗରାଇ, ୩।୩(ଡି.ଏନ.ଏ.)

ଯୁବପିଢ଼ିଙ୍କୁ ପ୍ରାଧାନ୍ୟ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ଯୋଜନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜୁ ଯୁବବାହିନୀ କର୍ମୀଙ୍କୁ ମାଗଣାରେ ମୋବାଇଲ ମଧ୍ୟ ବଣ୍ଟନ କରାଯାଉଛି। କିନ୍ତୁ ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତର ଯୁବବାହିନୀ କର୍ମୀଙ୍କୁ ମୋବାଇଲ ଯୋଗାଇ ନ ଦେବା ସେମାନଙ୍କ ପ୍ରତି ଅପମାନସୂଚକ ବୋଲି ଉକ୍ତ ପଞ୍ଚାୟତର ବିଜୁ ଯୁବ ବାହିନୀ ସଭାପତି ଅଭିଜିତ୍ ପଣ୍ଡାଙ୍କ ସହ ଶତାଧିକ ଯୁବତୀଯୁବକ ଶନିବାର ସନ୍ଧ୍ୟାରେ ଚନ୍ଦନେଶ୍ୱର ରାଜୀବ ଭବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

ଗତ ଗୁରୁବାର ହୁଗୁଳି ପଞ୍ଚାୟତର ବିଜୁ ଯୁବବାହିନୀର ସଦସ୍ୟମାନେ ବ୍ଲକ କାର୍ଯ୍ୟାଳୟରେ ମୋବାଇଲ ବଣ୍ଟନ ଲାଗି ଦାବି କରିଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରଧର କରିଥିବା ଅଭିଜିତ ପଣ୍ଡା ଅଭିଯୋଗ କରିଛନ୍ତି। ସେହିପରି ଯୁବବାହିନୀ ସଦସ୍ୟା ଆରତୀ ପଣ୍ଡାଙ୍କୁ ମଧ୍ୟ ଉକ୍ତ ଯୁବକମାନେ ଦୁର୍ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି। ଏହା ଏକ ପ୍ରାୟୋଜିତ କାର୍ଯ୍ୟ ବୋଲି ହୁଗୁଳି ପଞ୍ଚାୟତର ବିଜୁ ଯୁବ ବାହିନୀର ହରିଗୋପାଳ ଦାସ, ଅଞ୍ଜନ କୁମାର ବାରିକ, ପ୍ରଦୀପ କୁମାର ପାତ୍ର, ପଙ୍କଜ କୁମାର ଦାସ, ତାପସୀ ଜେନା, ରାଜେଶ କୁମାର ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ହୁଗୁଳି ପଞ୍ଚାୟତକୁ ଅବିଳମ୍ବେ ମୋବାଇଲ୍ ଯୋଗାଇ ନ ଦେଲେ ଭୋଗରାଇ ବ୍ଲକକୁ ଯୁବବାହିନୀ ପକ୍ଷରୁ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜୁ ଯୁବବାହିନୀ ପକ୍ଷରୁ ଦାବି କରାଯାଇଛି।

# ପଲିଥିନ ତଳେ ଚନ୍ଦନଙ୍କ ପରିବାର

ଜଳେଶ୍ୱର, ୩।୩(ଡି.ଏନ.ଏ.)

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସବୁ ପରିବାରଙ୍କୁ ପକ୍କା ଗୃହ ଯୋଗାଇ ଦିଆଯାଉଛି ବୋଲି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ବିଜ୍ଞାପନ ମାଧ୍ୟମରେ ବାହାବା ନେଉଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଅଲଗା। ଏହାର ସୁଫଳ ପ୍ରକୃତ ହିତାଧିକାରୀମାନଙ୍କ ପାଖରେ ପହଞ୍ଚିପାରୁନାହିଁ। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସମ୍ପତ୍ତିଆ ପଞ୍ଚାୟତ ସମ୍ପତ୍ତିଆ ଗ୍ରାମର ଚନ୍ଦନ ବାରିକ ଏହାର ଉଦାହରଣ। ତାଙ୍କର ୪ ଡିସିମିଲ ଘରଡ଼ିହ ଛଡ଼ା କିଛି ଚାଷ ଜମି ନାହିଁ। ନିଜ କୌଳିକ ବୃତ୍ତିରୁ ଯାହା ରୋଜଗାର କରନ୍ତି ସେଥିରେ ସ୍ୱାମୀ, ସ୍ତ୍ରୀ, ଝିଅ ପୁଅ ସହିତ ନିଜର ବୃଦ୍ଧବାପା ମୋଟ ୫ ପ୍ରାଣୀଙ୍କୁ ଦାନା ଯୋଗାଇବା କାଠିକର ପାଠ। ପକ୍କାଘର ନିର୍ମାଣ ତାଙ୍କ ପାଇଁ ସ୍ୱପ୍ନ। କିଛିବର୍ଷ ଆଗରୁ ସେ ମାଗିଯାଚି ଝାଟିମାଟି କାନ୍ଥ ସହିତ ନଡ଼ା ଛପର ଘରକରି ରହି ଆସୁଥିଲେ। ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୟନୀୟ ହେବାରୁ ସେ ଘର ଛପର କରିପାରିନାହାନ୍ତି। ଛପର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଖରା, ବର୍ଷା, ଶୀତ କାକରରେ ପଲିଥିନ୍ ତଳେ ଚନ୍ଦନଙ୍କ ପରିବାର ରହୁଛନ୍ତି। ଆଜକୁ କିଛି ମାସ ପୂର୍ବରୁ ସେ ଜିଲାପାଳଙ୍କୁ ଭେଟି ଘର ଖଣ୍ଡେ ପାଇଁ ଦରଖାସ୍ତ ଦେଇଥିଲେ। ଜିଲାପାଳ ତାଙ୍କୁ ବିଜୁ ପକ୍କାଘର ପାଇଁ ବିଧାୟକଙ୍କ ପାଖରେ ଜଣାନ୍ତୁ ବୋଲି କହିଥିଲେ। ଚନ୍ଦନ ମଧ୍ୟ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ବିଧାୟକଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଉକ୍ତ ପଞ୍ଚାୟତରେ ୫ଟି ବିଜୁ ପକ୍କାଘର ଚଳିତ ୨୦୧୮-୧୯ ରେ ପ୍ରଦାନ କରାଯିବ। ସେଥିରେ ତାଙ୍କ ନାମ ଥିଲେ ସେ ନିଶ୍ଚୟ ପାଇବେ।



ଚନ୍ଦନଙ୍କ ଚାଳଛପର ଘର।

